# COMMON P. G. ENTRANCE TEST – 2024 (CPET-2024)

Test Booklet No. : 07351

Subject Code : 32

Hall Ticket No. :

Subject : ODIA

## TEST BOOKLET

*Time Allowed : **60** Minutes*

*Full Marks : **80***

### : INSTRUCTIONS TO CANDIDATES :

1. The Test Booklet contains **16** pages including the cover page and **80** (Question No. 1 to 80) multiple choice questions.
2. DO NOT break open the seal of the Test Booklet until the invigilator instructs to do so.
3. The candidates must check discrepancy, if any (like up-printed or torn or missing pages or missing questions) in the Test Booklet immediately after breaking the seal of the Test Booklet. If detected, the invigilator may be requested to replace the same.
4. Candidates are required to fill up and darken the **Hall Ticket No, Test Booklet Serial No.** and OMR Answer Sheet Serial No. in attendance sheet carefully. Wrongly filled in OMR Answer Sheet is liable for rejection.
5. Each question has four choices / answers marked (A), (B), (C), (D). Candidate has to select the most appropriate choice / answer to each question and darken the oval completely against the question number provided in the OMR Answer Sheet.
6. Indicate only one choice / answer from the options provided by darkening the appropriate oval in the OMR Answer Sheet. More than one response to a question shall be treated as a wrong answer.
7. Use only **Black Ball Point Pen** for darkening the oval for answering.
8. All the questions are compulsory and they carry equal marks. The total marks scored by a candidate depends on the number of correct choices / answers darkened in the OMR Answer Sheet. There will be no negative marking for wrong answers.
9. No candidate shall be allowed to leave the Examination Hall / Room till all OMR Answer Sheets have been collected by the invigilator.
10. On completion of the entrance test, the original OMR Answer Sheet be handed over to the invigilator. Candidates are allowed to take the second copy of the OMR Answer Sheet along with the used Test Booklet for reference.
11. Candidates are not allowed to carry any personal belongings including electronic devices such as scientific calculator, cell phones, headphones, earbuds, or any other type of devices that allow communication of any kind inside the Examination Room / Hall.
12. The candidates are advised not to scribble or make any mark on the OMR Answer Sheet except marking the answers at the appropriate places and filling up the details required. Rough work, if any, may be done in the blank sheet(s) provided at the end of the Test Booklet.
13. Any malpractice / use of unfair means will lead to your disqualification from the entrance test / admission process and may also lead to appropriate legal action as deemed fit.

**DO NOT OPEN THIS TEST BOOKLET UNTIL YOU ARE ASKED TO DO SO**



( Turn over )

SEAL

1. କେଉଁ ମସିହାରେ ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ ନେପାଳରୁ 'ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ'ର ପାଣ୍ଡୁଲିପି ଆବିଷ୍କାର କରିଥିଲେ ?

(A) ୧୯୦୩ (B) ୧୯୧୦

(C) ୧୯୧୬ (D) ୧୯୧୯

2. ଧର୍ମ ବା ଆଦିନାଥଙ୍କର କେଉଁ ଅଙ୍ଗରୁ ଗୋରକ୍ଷନାଥଙ୍କର ଆବିର୍ଭାବ ହୋଇଥିଲା ବୋଲି କୁହାଯାଏ ?

(A) ନାଭିରୁ (B) କପାଳରୁ

(C) ଅସ୍ଥିରୁ (D) ପାଦରୁ

3. ମହିଷାସୁରର ଗର୍ଭଧାରିଣୀ ମାତା ଅସୁରରାଣୀଙ୍କ ନାମ କ'ଣ ଥିଲା ବୋଲି ସାରଳାଙ୍କ ଚଣ୍ଡୀପୁରାଣରେ ଉଲ୍ଲିଖିତ ?

(A) ସୁରେଖା (B) ଦୁର୍ଲକ୍ଷୀ

(C) ନିରଖୀ (D) କପିଳା

4. କେଉଁ ଉକ୍ତିଟି 'ସାରଳା ଦାସ'ଙ୍କ ପାଇଁ ପ୍ରଯୁଜ୍ୟ ?

(A) ସାରଳା ଦାସ ଶାକ୍ତ ବିଶ୍ୱାସ ଉପରେ ଅନାସ୍ଥାଭାବ ପ୍ରକଟ କରୁଥିଲେ ।

(B) ସାରଳା ଦାସ ପଞ୍ଚଦେବତା ପୂଜାର ପରିପନ୍ଥୀ ଥିଲେ ।

(C) ସାରଳା ଦାସ ସହଜିଆ ବୌଦ୍ଧଧର୍ମର ଉପାସକ ଥିଲେ ।

(D) ସାରଳାଙ୍କ କାଳ ବ୍ରାହ୍ମଣ୍ୟ-ସଂସ୍କୃତି ବିରୁଦ୍ଧରେ ପ୍ରବଳ ପ୍ରତିକ୍ରିୟାର କାଳ ।

5. ଶ୍ରୀ ଜଗନ୍ନାଥଙ୍କ କୃପାରୁ ବଳରାମ ଦାସ ଲଙ୍କାପୁରୀ ଯାତ୍ରା କରିବାର ବୃତ୍ତାନ୍ତ ତାଙ୍କ କେଉଁ ରଚନାରେ ସ୍ଥାନିତ ?

(A) ବେଢ଼ାପରିକ୍ରମା (B) ବଟଅବକାଶ

(C) ଜ୍ଞାନଚୂଡ଼ାମଣି (D) ଗୁପ୍ତଗୀତା

6. ବଳରାମ ଦାସଙ୍କ ରାମାୟଣର 'ଜଗମୋହନ ରାମାୟଣ' ନାମକରଣ ପ୍ରସଙ୍ଗ କେଉଁ କାଣ୍ଡରେ ବର୍ଣ୍ଣିତ ?

(A) ଉତ୍ତରାକାଣ୍ଡ (B) ଆଦିକାଣ୍ଡ

(C) ଅଯୋଧ୍ୟାକାଣ୍ଡ (D) କିଷ୍କିନ୍ଧ୍ୟାକାଣ୍ଡ

7. ଶ୍ରୀଚୈତନ୍ୟ ଓ ଜଗନ୍ନାଥଙ୍କର ପ୍ରଥମ ଭେଟ କେଉଁଠାରେ ହୋଇଥିଲା ?

(A) ବଟଗଣେଶଙ୍କ ନିକଟରେ

(B) ଅରୁଣସ୍ତମ୍ଭ ନିକଟରେ

(C) କାନପାତା ହନୁମାନଙ୍କ ନିକଟରେ

(D) ଲକ୍ଷ୍ମୀମନ୍ଦିର ନିକଟରେ

8. 'ଆଦ୍ୟ ମାର୍ଗଶିର ଶିଶିରେ ଶୀତ, ଶ୍ରୀକୃଷ୍ଣ ଜାଣନ୍ତି ରାଧିକା ଚିତ୍ତ

ଦୁଃଖୀର ଜୀବନ ଦୁଃଖୀ ସଂଗାତ, କାହୁଁ ଆଣିଦେବି କମଳାକାନ୍ତ' — ଏହା କାହାର ରଚନା ?

(A) ବଳରାମ ଦାସ

(B) ଜଗନ୍ନାଥ ଦାସ

(C) ଅନନ୍ତ ଦାସ

(D) ଅଚ୍ୟୁତାନନ୍ଦ ଦାସ

9. କେଉଁଟି ରୀତିଯୁଗୀୟ ସାହିତ୍ୟର ଆଦର୍ଶ ନୁହେଁ ?

(A) ଧ୍ୱନି ବା ବ୍ୟଙ୍ଗାର୍ଥ କାବ୍ୟର ସୌନ୍ଦର୍ଯ୍ୟ ବିଧାୟକ ଉପାଦାନ

(B) ଶୃଙ୍ଗାରରସ କାବ୍ୟର ଅଙ୍ଗୀରସରୂପେ ବ୍ୟବହୃତ

(C) କାବ୍ୟାଳଙ୍କାର ପ୍ରୟୋଗ ହେତୁ କାବ୍ୟିକ ମହତ୍ତ୍ୱ ପ୍ରତିପାଦିତ

(D) ସଂସ୍କୃତ କାବ୍ୟିକ ଧାରା ପ୍ରତି ବୀତସ୍ପୃହତା

10. କେଉଁ କାବ୍ୟରେ କବି ଗୋପକନ୍ୟା ମାନଙ୍କୁ ବେଦକନ୍ୟା, ଦେବକନ୍ୟା, ମୁନିକନ୍ୟା ଓ ଗୋପୀକନ୍ୟା ଆଦି ଚାରି ଭାଗରେ ବିଭକ୍ତ କରି ଶ୍ରୀକୃଷ୍ଣଙ୍କ ସହିତ ସେମାନଙ୍କ ପ୍ରେମ ସଂପର୍କ ସ୍ଥାପନ କରିଛନ୍ତି ?

(A) ପ୍ରେମ ପଞ୍ଚାମୃତ

(B) ପସ୍ତାବସିନ୍ଧୁ

(C) ମଧୁମଙ୍ଗଳ

(D) ରସ ବିନୋଦ

11. 'ମଣିପ୍ରବାଳ' ଶୈଳୀ କହିଲେ କ'ଣ ବୁଝାଯାଏ ?

(A) ମଣି ଓ ପ୍ରବାଳକୁ ଏକତ୍ର ଗଥିତ କରିବା

(B) ଦୁଇଟି ଆକର୍ଷଣୀୟ ରୀତିକୁ ଏକତ୍ର ସଂଯୋଗ କରିବା

(C) ଶୁଦ୍ଧ ସଂସ୍କୃତ ଶବ୍ଦ ପାଖେ ପାଖେ କଥିତ ଶବ୍ଦ ପ୍ରୟୋଗ କୌଶଳ

(D) ପ୍ରାକୃତ ଓ ସଂସ୍କୃତ ଶବ୍ଦର ଏକତ୍ର ଗୁମ୍ଫନ ଶୈଳୀ

12. ଅଭିମନ୍ୟୁ ସାମନ୍ତ ସିଂହାର ପ୍ରଣୀତ 'ସୁଲକ୍ଷଣା' କାବ୍ୟର କାବ୍ୟନାୟକ କିଏ ?

(A) ଅନିରୁଦ୍ଧ

(B) ଶାମ୍ବ

(C) ପ୍ରଦ୍ୟୁମ୍ନ

(D) ଚାରୁଚନ୍ଦ୍ର

13. କେଉଁ ଗୀତଟି ଗୋପାଳକୃଷ୍ଣଙ୍କ ଦ୍ୱାରା ରଚିତ ?

(A) ଜଗନ୍ନାଥ ହୋ, କିଛି ମାଗୁ ନାହିଁ ତୋତେ,

ଧନ ମାଗୁନାହିଁ, ଜନ ମାଗୁନାହିଁ, ମାଗୁଛି ଶରଧା ବାଲିରୁ ହାତେ ।

(B) ଦୁଃଖ ନାଶନ ହେ, ସୁଖ ନ ପାଇଲି ଦିନେ

ବେଳକୁ ବେଳତ ପ୍ରବଳ ହେଉଛି, ବିଜୁଳି ଯେସନ ଘନେ ।

(C) ମହାବାହୁ ! ଏହି କଥାରେ ମୋ ମନ

ନିତି ଦେଖୁଥିବି ନୀଳାଦ୍ରି ମଣ୍ଡପେ କଞ୍ଜସୁନ୍ଦର ବଦନ ।

(D) ଦେଖିଲେ ଦେଖିଲା ପରି ଥରେ ରସିକ ରାଜଙ୍କୁ

ଅଖିଳ ବ୍ରଜବାସୀଙ୍କ ଆଖିର ପୁଣ୍ୟ ପୁଞ୍ଜଙ୍କୁ ।

14. 'ରସକୂଲ୍ୟା ଚଉତିଶା' କାହାର ରଚନା ?

(A) ଦାମୋଦର ଦାସ (B) ଦିବାକର ଦାସ

(C) ଦନାଇ ଦାସ (D) ଦେବଦୁର୍ଲ୍ଲଭ ଦାସ

15. "ଅଣାକାର ଯେ ଜ୍ୟୋତିରୂପ ଯେ ଅବ୍ୟକ୍ତ, ଯେ ମହାଶୂନ୍ୟ, ତାହାକୁ ବ୍ୟକ୍ତ କରିବାକୁ କେହି ନାହିଁ । ସେହିଠାରୁ ସେ ପ୍ରଜ୍ୱଳିତ ହୋଇ ଉଚ୍ଛୁଳିଲା । ସେ ଉର୍ଦ୍ଧ୍ୱରୁଟି ଓଁ କାର ପ୍ରଣବ ହେଲା ।" ସଂପୃକ୍ତ ଅଂଶଟି କେଉଁଠାରୁ ଉଦ୍ଧୃତ ?

(A) ରୁଦ୍ର ସୁଧାନିଧି (B) ଚତୁର ବିନୋଦ

(C) ତୁଳାଭିଣା (D) ମାଦଳା ପାଞ୍ଜି

16. କିଶୋର ଚନ୍ଦ୍ରନନ୍ଦ ଚଂପୂରେ କେତୋଟି ସଂଗୀତମୟ କବିତା ସଂଯୋଜିତ ?

(A) ବତିଶଟି (B) ଚଉତିରିଶଟି

(C) ଅଣଚାଳିଶଟି (D) ଅଣଚାଶଟି

17. ପ୍ରାୟ ୧୮୩୭ ମସିହା ବେଳକୁ ଯେଉଁଠି ସ୍କୁଲ ପ୍ରତିଷ୍ଠାପାଇଁ ଲୋକଙ୍କ ପକ୍ଷରୁ ଘନଘନ ଆବେଦନ ନିବେଦନ ଆସୁଥିଲା ତାହାକୁ କେଉଁ କାରଣ ଦର୍ଶାଇ ଅସ୍ୱୀକାର କରାଯାଉଥିଲା ?

(A) ସୀମିତ ଛାତ୍ର ସଂଖ୍ୟା (B) ଶିକ୍ଷକ ଅଭାବ

(C) ଉପଯୁକ୍ତ ସ୍ଥାନାଭାବ (D) ଅର୍ଥାଭାବ

18. କେଉଁଟି ଜଗନ୍ମୋହନ ଲାଲାଙ୍କ ଓଡ଼ିଆ କବିତା ପୁସ୍ତକ ?

(A) ଓଡ଼ିଆ ପଦ୍ୟପାଠ
(B) ଭ୍ରମଭଂଜନ
(C) କବିତା କଳାପ
(D) କୁସୁମ କଳିକା

19. ''ମନୁ କରିଥିଲା ନିରାଶେ ପ୍ରଣୟ ପ୍ରସଙ୍ଗ ଦୂର
ଏବେ ଅଙ୍କୁରିଲା ହୃଦୟେ ଉଦ୍ଦାମ ପ୍ରେମ ଅଙ୍କୁର ।''
କାହାକୁ ଦେଖି କାହା ହୃଦୟର କଥା କୁହାଯାଇଛି ?

(A) କେଦାରକୁ ଦେଖି ଗୌରୀର
(B) ଚୋରଗଙ୍ଗଙ୍କୁ ଦେଖି ନନ୍ଦିକାର
(C) ଜୟନ୍ତକୁ ଦେଖି ଉଷାର
(D) ଯଯାତିଙ୍କୁ ଦେଖି ବିମଳାର

20. ପ୍ରଣୟ ବଲ୍ଲଭୀ କାବ୍ୟର ସପ୍ତମ ସର୍ଗ କେଉଁ ନାମରେ ନାମିତ ?

(A) ପ୍ରଣୟ ଛାୟା
(B) ପ୍ରଣୟ ପ୍ରସୂନ
(C) ପ୍ରଣୟ ଫଳ
(D) ପ୍ରଣୟ ପଲ୍ଲବ

21. ଖଣ୍ଡାଏତ ମାନଙ୍କର ଦଳପତିଙ୍କର ବୈଠକ ସ୍ଥଳକୁ ଫକୀର ମୋହନ କେଉଁ ନାମ ଦେଇଥିଲେ ?

(A) ବୈଠକୀଘର
(B) ଚୌପାଢ଼ୀ
(C) ଜାଗାଘର
(D) ମେଲାଘର

22. ''ଆହା କିବା ଅଦ୍ଭୁତ ମନର ଗତି, ଅଚିନ୍ତନୀୟ ଅଟେ ତା'ର ଶକତି ।'' — ଏହା କାହା ରଚନା ?

(A) ମଧୁସୂଦନ ରାଓ
(B) ରାଧାନାଥ ରାୟ
(C) ନନ୍ଦକିଶୋର ବଳ
(D) ଫକୀରମୋହନ ସେନାପତି

23. ''ଅରଟ ଚଳାଅ ପ୍ରତି ଘରେ ଘରେ । ଗ୍ରାମର କଳହ ତୁଟାଅ ଗ୍ରାମରେ ।'' — ଏହା ଗୋପବନ୍ଧୁଙ୍କର କେଉଁ କାବ୍ୟର ଅଂଶ ବିଶେଷ ?

(A) କାରା କବିତା
(B) ବନ୍ଦୀର ଆତ୍ମକଥା
(C) ଅବକାଶ ଚିନ୍ତା
(D) ଧର୍ମପଦ

24. 'ମଣିକାଞ୍ଚନ' କାବ୍ୟର ରଚୟିତା କିଏ ?

(A) ଗୋଦାବରୀଶ ମିଶ୍ର
(B) ବୈକୁଣ୍ଠନାଥ ପଟ୍ଟନାୟକ
(C) କୁନ୍ତଳା କୁମାରୀ ସାବତ
(D) ମାୟାଧର ମାନସିଂ

25. କେଉଁଟି ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ଲକ୍ଷଣୀୟ ବୈଶିଷ୍ଟ୍ୟ ନୁହେଁ ?

(A) ବ୍ୟକ୍ତି କୈନ୍ଦ୍ରିକତା

(B) ପାଶ୍ଚାତ୍ୟ କାବ୍ୟ ଦୃଷ୍ଟିର ଅନୁକରଣ

(C) ପୀଡ଼ିତ ବ୍ୟାଧିଗ୍ରସ୍ତ ସମାଜର ରୂପଚିତ୍ର

(D) ପ୍ରାଚୀନ ଆଙ୍ଗିକ ପ୍ରତିମୋହ

26. ନାଟ୍ୟକାର ବିଜୟ ମିଶ୍ର ତାଙ୍କର କେଉଁ ନାଟକରେ ମିଥ୍‌ର ବ୍ୟବହାର କରିନାହାନ୍ତି ?

(A) ତିମିରତୀର୍ଥ

(B) ଜଣେ ରାଜା ଥିଲେ

(C) ବାଦ୍‌ଶା

(D) ପରଶୁରାମ

27. 'ଏବଂ ପ୍ରାୟଶ୍ଚିତ' ନାଟକର ନାଟ୍ୟକାର କିଏ ?

(A) ବିଜୟ ମିଶ୍ର

(B) ସୁବୋଧ ପଟ୍ଟନାୟକ

(C) ବିଜୟ ଶତପଥୀ

(D) ନାରାୟଣ ସାହୁ

28. କାହ୍ନୁଚରଣଙ୍କ କେଉଁ ଉପନ୍ୟାସରେ ଗାନ୍ଧିଜୀଙ୍କ ଗ୍ରାମ୍ୟ ଜୀବନ ଉପରେ ଆଧାରିତ ଦର୍ଶନ ଓ ଚିନ୍ତାଧାରା ସ୍ଥାନ ପାଇଛି ?

(A) ଝଞ୍ଜା

(B) ଶବରୀ

(C) ବଜ୍ରବାହୁ

(D) ପରୀ

29. ସଚ୍ଚିରାଉତରାୟଙ୍କ 'ଅନ୍ଧାରୁଆ' ଗଳ୍ପର ନାୟକଙ୍କୁ କେଉଁ ପାପର ପ୍ରାୟଶ୍ଚିତ କରିବା ଦରକାର ପଡ଼ିଥିଲା ?

(A) ଗୃହଦାହ

(B) ମଣିଷମରା

(C) ପରସ୍ୱ ଅପହରଣ

(D) ଗୋହତ୍ୟା

30. କେଉଁଟି ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କର ଆତ୍ମଜୀବନୀ ଗ୍ରନ୍ଥ ?

(A) ମୋ ଜୀବନ ସ୍ମୃତି

(B) ମୋ ସମୟର ଓଡ଼ିଶା

(C) ଋଣ ପରିଶୋଧ

(D) ଅନୁଭବମାଳା

31. କେଉଁ ଲିପିକୁ ଲିପିର ପ୍ରାଥମିକ ରୂପଭାବେ ଗ୍ରହଣ କରାଯାଏ ?

(A) କୀଳକଲିପି

(B) ଚିତ୍ରଲିପି

(C) ବ୍ରାହ୍ମୀଲିପି

(D) ଖରୋଷ୍ଠୀଲିପି

32. ଚତୁର୍ଥ ନରସଂହ ଦେବଙ୍କ ପୁରୀ ତ୍ରିମାଳୀ ମଠର ତାମ୍ରଫଳକ ସନନ୍ଦ କେବେ ଖୋଦିତ ହୋଇଥିବାର ପ୍ରମାଣ ମିଳେ ?

(A) ୧୩୮୪

(B) ୧୩୯୪

(C) ୧୩୯୬

(D) ୧୩୯୯

33. ନିବିନା ତାମ୍ରଶାସନ କେଉଁ ଭାଷାରେ ଲିଖିତ ?

(A) ପାଲି

(B) ପ୍ରାକୃତ

(C) ପ୍ରନ୍ଓଡ଼ିଆ

(D) ସଂସ୍କୃତ

34. ଚର୍ଯ୍ୟାଗୀତିକାରେ ପରିଦୃଷ୍ଟ 'ହାଉଁ' ଶବ୍ଦ କେଉଁ ପଦଭାବେ ବ୍ୟବହୃତ ?

(A) ବିଶେଷ୍ୟ

(B) ବିଶେଷଣ

(C) ସର୍ବନାମ

(D) ଅବ୍ୟୟ

35. କେଉଁଟି ଭାଷାତାତ୍ତ୍ୱିକ ବିବିଧତା ସୃଷ୍ଟିକରିବାର କାରଣ ନୁହେଁ ?

(A) ଦଳଗତ ଆନ୍ତଃକ୍ରିୟା

(B) କେନ୍ଦ୍ରାଭିମୁଖୀ ଶକ୍ତି

(C) ସୁଉଚ୍ଚପର୍ବତମାଳାର ଅବସ୍ଥିତି

(D) ଦୀର୍ଘ ନଦୀର ଉପସ୍ଥିତି

36. ଓଡ଼ିଆରେ କେଉଁ ଅବର୍ଗ୍ୟ ବ୍ୟଂଜନବର୍ଣ୍ଣ ଶବ୍ଦର ଆରମ୍ଭରେ ବ୍ୟବହୃତ ହେବାର ଦେଖାଯାଏ ନାହିଁ ?

(A) ଙ

(B) ଞ

(C) ଷ

(D) ଳ

37. ''ଶରତ ଋତୁ ଆସିଲେ ଆକାଶ ନିର୍ମଳ ହୋଇଯାଏ ।'' —ଏହା କେଉଁ ପ୍ରକାର ବାକ୍ୟ ?

(A) ସରଳ

(B) ଯୌଗିକ

(C) ଜଟିଳ

(D) ମିଶ୍ର

38. କେଉଁଟି ତଦ୍ଧିତ ପଦ ଚିହ୍ନାଅ ?

(A) ଉଠାଣି

(B) ସଂସ୍କାର

(C) ଚୈତ୍ର

(D) ଧୈର୍ଯ୍ୟ

39. ଆରମ୍ଭ ବା ପର୍ଯ୍ୟନ୍ତ ଅର୍ଥରେ ପଦର କେଉଁ ସମାସ ହୁଏ ?

(A) ତତ୍‌ପୁରୁଷ
(B) କର୍ମଧାରୟ
(C) ଅଲୁକ୍
(D) ଅବ୍ୟୟୀଭାବ

40. 'ଭବନ'ର ସନ୍ଧିରୂପ କେଉଁଟି ?

(A) ଭୁ + ଅନ
(B) ଭୂ + ଅନ
(C) ଭୋ + ଅନ
(D) ଭବ + ଅନ

41. ''ଶ୍ୱେତାଙ୍ଗ ଚଢ଼େଇଗୁହା ସମୁଦ୍‌ଗତ

ନୀର ଭେଦି କିବା ଉଠେ ଐରାବତ ।'' — ଏଠାରେ କେଉଁ ଅଳଙ୍କାର ହୋଇଛି ?

(A) ଉପମା
(B) ଉତ୍‌ପ୍ରେକ୍ଷା
(C) ଯମକ
(D) ଶ୍ଳେଷ

42. ପଶ୍ଚିମ ଓଡ଼ିଶାର କେଉଁ ଜାତି ଲକ୍ଷ୍ମୀଜନ୍ମ ପୁରାଣ ଗାଇ ପେଟ ପୋଷିଥା'ନ୍ତି ?

(A) ଦେବଗୁନିଆ
(B) ଗୀତକୁଡ଼ିଆ
(C) ଭାଟ
(D) ପରଘନିଆ

43. କେଉଁଟି ଲୋକକାହାଣୀର ସୃଷ୍ଟିତତ୍ତ୍ୱର ଅନ୍ତର୍ଭୁକ୍ତ ନୁହେଁ ?

(A) କ୍ଷୟିଷ୍ଣୁ ପୁରାଣ ତତ୍ତ୍ୱ
(B) ସୌର ପୁରାଣ ତତ୍ତ୍ୱ
(C) ମୃତକର ପ୍ରତ୍ୟାବର୍ତ୍ତନ ତତ୍ତ୍ୱ
(D) ସଂଗୀତ ତତ୍ତ୍ୱ

44. 'ଦଣ୍ଡନାଟ'ର ଉପାସ୍ୟ ଦେବତା କିଏ ?

(A) ଶକ୍ତି
(B) ଶିବ
(C) ଗଣପତି
(D) ବେତାଳ

45. କରମା ନୃତ୍ୟ ନିର୍ଦ୍ଦିଷ୍ଟ ମାସର କେଉଁ ତିଥିରେ ପାଳନ କରାଯାଏ ?

(A) ଶୁକ୍ଳ ସପ୍ତମୀ
(B) ଶୁକ୍ଳ ଦଶମୀ
(C) ଶୁକ୍ଳ ଏକାଦଶୀ
(D) ଶୁକ୍ଳ ତ୍ରୟୋଦଶୀ

46. ରସ ନିଷ୍ପତ୍ତି ସଂପର୍କୀୟ 'ଅନୁମିତି ବାଦ'ର ପ୍ରବକ୍ତା କିଏ ?

(A) ଭଟ୍ଟଲୋଲ୍ଲଟ (B) ଭଟ୍ଟନାୟକ

(C) ଅଭିନବଗୁପ୍ତ (D) ଶ୍ରୀଶଙ୍କୁକ

47. ମାଧୁର୍ଯ୍ୟ ଗୁଣବ୍ୟଂଜକ ବର୍ଣ୍ଣଗୁଡ଼ିକ ଦ୍ୱାରା କୋମଳ, ସମାସହୀନ ବା କ୍ଷୁଦ୍ର ସମାସ ଯୁକ୍ତ ରଚନା କେଉଁ ରୀତିର ଅନ୍ତର୍ଭୁକ୍ତ ?

(A) ବୈଦର୍ଭୀ (B) ଲାଟୀ

(C) ଗୌଡ଼ୀ (D) ପାଞ୍ଚାଳୀ

48. କେଉଁଟି କ୍ଲାସିସିଜମ୍‌ର ଲକ୍ଷଣ ନୁହେଁ ?

(A) ଉପଦେଶାତ୍ମକତା

(B) ପରଂପରାବାଦ

(C) ଶିଷ୍ଟବର୍ଗର ସାମାଜିକ ରଚି ଆଧାରିତ

(D) ଅଜ୍ଞାତ ତଥା ବିଚିତ୍ର ସ୍ଥାନ, ଦୃଶ୍ୟର ଉଦ୍‌ଘାଟନ

49. ପରଂପରା, ସଂପର୍କ, ସମ୍ବନ୍ଧ କିମ୍ବା ଆକସ୍ମିକ ସାଦୃଶ୍ୟ ହେତୁ କୌଣସି ଅସାଦୃଶ୍ୟ ବସ୍ତୁକୁ ପରିଦୃଶ୍ୟମାନ ଚିହ୍ନ ସହିତ ସମ୍ବନ୍ଧାନ୍ୱିତ କରାଯିବାକୁ କ'ଣ କୁହାଯାଏ ?

(A) ଚିତ୍ରକଳ୍ପ (B) ପ୍ରତୀକ

(C) ଉପମା (D) ରୂପକ

50. ''ଦୁର୍ଲଭ ପାଇ ଏ ଶରୀର – କୁଟୁମ୍ବେ ଦୃଢ଼ମତି ଯା'ର
ଦିନ ବଞ୍ଚଇ ଦୁଃଖେ ସୁଖେ-ଅନ୍ତେ ପଡ଼ଇ କୁମ୍ଭୀପାକେ ।'' — ଭାଗବତରେ କେଉଁ ଗୁରୁ ପ୍ରସଙ୍ଗରେ ଏହା ବର୍ଣ୍ଣିତ ?

(A) ବ୍ରାହ୍ମଣ କନ୍ୟା (B) ପିଙ୍ଗଳା

(C) କପୋତପକ୍ଷୀ (D) ଅଜଗର

51. ''କମଳ ସମ୍ଭବ ଭବ ସୁରନାୟକ
କଉଣପ ଆଦି ଲୋକ ଯାହାର ଲୋକ ।'' — ଏ ପଦରେ 'କଉଣପ' ଶବ୍ଦର ଅର୍ଥ କ'ଣ ?

(A) ସ୍ୱର୍ଗ (B) ମର୍ତ୍ତ୍ୟ

(C) ଦେବଲୋକ (D) ଅସୁର

52. ''ଦଂଶିଲା ଅନାଥା ପ୍ରାୟ ହସ୍ତିନା ନଗରୀ
ବିକଳା, ଯେସନ ରାହୁଗ୍ରସ୍ତ ଶିଳା ପରି ।'' — ମହାଯାତ୍ରାରେ ହସ୍ତିନା ନଗରୀର ଏ ରୂପ ପାଇଁ କେଉଁ କାରଣ ପ୍ରଦତ୍ତ ?

(A) ଶ୍ରୀକୃଷ୍ଣଙ୍କ ବିଦାୟ
(B) ପିତାମହଙ୍କ ପତନ
(C) ଧୃତରାଷ୍ଟ୍ର, ଗାନ୍ଧାରୀ, କୁନ୍ତୀ ଆଦିଙ୍କର ବନଗମନ
(D) ପାଣ୍ଡବଙ୍କ ରାଜ୍ୟତ୍ୟାଗ ଜନିତ ମହାଯାତ୍ରା

53. ''ମାଗି ଆସିଥିଲେ ମୁଁ ବୁଝିଥା'ନ୍ତି, ଶାଳଗ୍ରାମ ଶିଳା ବୋଲି ମୁଣ୍ଡ ନୁଆଇଲି ଯାହାର ଚରଣରେ, ସେ ଦେବତା ନୁହେଁ ବାଲିଗରଡ଼ା'' — ଅଭିଯାନ ନାଟକରେ ଏ ସଂଳାପ କିଏ, କାହା ପାଇଁ କହିଛି ?

(A) ଚତୁରିକା, ବାହୁବଳେନ୍ଦ୍ରଙ୍କ ପାଇଁ
(B) ପଦ୍ମାବତୀ, ପୁରୁଷୋତ୍ତମଦେବଙ୍କ ପାଇଁ
(C) ମାୟା, ପୁରୁଷୋତ୍ତମଦେବଙ୍କ ପାଇଁ
(D) ଜାନକୀ, ବିଜୟଙ୍କ ପାଇଁ

54. 'ଅଭିଯାନ' କେତେ ଅଙ୍କ ବିଶିଷ୍ଟ ନାଟକ ?

(A) ଦୁଇଅଙ୍କ
(B) ତିନିଅଙ୍କ
(C) ଚାରିଅଙ୍କ
(D) ପାଞ୍ଚଅଙ୍କ

55. କେଉଁଟି ମନୋରଂଜନ ଦାସଙ୍କ ରଚିତ ନାଟକ ନୁହେଁ ?

(A) ନିଶିପଦ୍ମ
(B) ସାଗର ମନ୍ଥନ
(C) ଅମୃତସ୍ୟ ପୁତ୍ରାଃ
(D) ବନହଂସୀ

56. 'ଛଦ୍ମବେଶୀ ' କେତେ ଦୃଶ୍ୟ ବିଶିଷ୍ଟ ଏକାଙ୍କିକା ?

(A) ଏକ
(B) ଦୁଇ
(C) ତିନି
(D) ଚାରି

57. 'ସ୍ମୃତିବିଭ୍ରାଟ' ଏକାଙ୍କିକାର ଆରମ୍ଭ କେଉଁ ଦୃଶ୍ୟରୁ ହୋଇଛି ?

(A) ବୈଠକଘର
(B) ପଢ଼ାଘର
(C) ଶୋଇବାଘର
(D) ଖାଇବାଘର

58. 'ନୀଳମାଷ୍ଟ୍ରାଣୀ' ବିବାହର କେତେମାସ ପରେ ବିଧବା ହୋଇଥିଲା ?

(A) ଚାରିମାସ
(B) ପାଞ୍ଚମାସ
(C) ଛଅମାସ
(D) ଆଠମାସ

59. 'ମାଂସର ବିଳାପ' ଗଳ୍ପରେ ଡ୍ରୋରା କେଉଁଠାରୁ ଆସିବା କଥା ବର୍ଣ୍ଣିତ ?

(A) ରାଜଧାନୀ ଦିଲ୍ଲୀରୁ (B) ପ୍ରତିବେଶୀ ବଙ୍ଗଦେଶରୁ

(C) ହାଇଦ୍ରାବାଦରୁ (D) ବିଖ୍ୟାତ ଲଣ୍ଡନ ନଗରୀରୁ

60. ଫକୀର ମୋହନଙ୍କ କେଉଁ ଉପନ୍ୟାସ ଉତ୍କଳ ସାହିତ୍ୟରେ 'ଧୂର୍ଜଟୀ' ଛଦ୍ମନାମରେ ପ୍ରକାଶିତ ହୋଇଥିଲା ?

(A) ମାମୁ (B) ଛ'ମାଣ ଆଠଗୁଣ୍ଠ

(C) ଲଛମା (D) ପ୍ରାୟଶ୍ଚିତ

61. ଫତୁରାନନ୍ଦଙ୍କର ପ୍ରକୃତ ନାମ କ'ଣ ଥିଲା ?

(A) ରାମଚନ୍ଦ୍ର ମିଶ୍ର (B) ରାମଚନ୍ଦ୍ର ହରିଚନ୍ଦନ

(C) ରାମଚନ୍ଦ୍ର ଚମ୍ପତିରାୟ (D) ରାମଚନ୍ଦ୍ର ବେହେରା

62. 'ପଶ୍ଚିମ ଆଫ୍ରିକାରେ ଓଡ଼ିଆ ଢେଙ୍କୀ'ରେ ସର୍ବମୋଟ କେତେଗୋଟି ବିଷୟ ସ୍ଥାନିତ ?

(A) ପାଞ୍ଚଗୋଟି (B) ଛଅଗୋଟି

(C) ସାତଗୋଟି (D) ଆଠଗୋଟି

63. କେଉଁ ଭାଷାକୁ ସ୍ୱୀକାର ନ କରିବାଯାଏ କାହାରିକୁ ଯୁକ୍ତରାଜ୍ୟରେ ପ୍ରଜା ଅଧିକାର ମିଳେ ନାହିଁ ?

(A) ଗ୍ରୀକ୍ (B) ଲାଟିନ୍

(C) ସଂସ୍କୃତ (D) ଇଂରେଜୀ

64. 'ଜନଜୀବନ ଓ ଜନସାହିତ୍ୟ' ପ୍ରବନ୍ଧ ଚିତ୍ତରଂଜନ ଦାସଙ୍କର କେଉଁ ପୁସ୍ତକରୁ ସଂଗୃହୀତ ?

(A) ପଶ୍ୟତି ଦିଶିଦିଶି (B) ତରଙ୍ଗ ଓ ତଡ଼ିତ

(C) ଶିକ୍ଷା ଓ ଶାଳଗ୍ରାମ (D) ଜୀବନ ବିଦ୍ୟାଳୟ

65. କେଉଁଟି ଦଳଗତ ଆଲୋଚକର ଲକ୍ଷଣ ହେବା ଉଚିତ ନୁହେଁ ?

(A) ଅର୍ଥପୂର୍ଣ୍ଣ ଆଲୋଚନାରେ ପ୍ରବୃତ୍ତ ହେବା

(B) ଭାବପ୍ରବଣତାକୁ ନିୟନ୍ତ୍ରିତ କରିବା

(C) ସହମତି ସୃଷ୍ଟି କରିବାରେ ନମନୀୟ ହେବା

(D) ନିଜର ମତାମତକୁ ଅନ୍ୟ ଉପରେ ଲଦିଦେବା

66. ଇ'ମେଲ୍‌ରେ କେଉଁଟି ବେଆଇନ୍ ?

(A) ନୋଟିସ୍ ପ୍ରଦାନ
(B) ବିବାହ ବିଚ୍ଛେଦ ସ୍ୱୀକୃତି
(C) ସାଧାରଣ ବାର୍ତ୍ତାଳାପ ସମ୍ଭାବନା
(D) ନାମଲେଖା ବା ଆପଏଣ୍ଟମେଣ୍ଟ ପ୍ରଦାନ

67. ସୁବକ୍ତା ହେବା ପାଇଁ କେଉଁ ଯୋଗ୍ୟତା ଆବଶ୍ୟକ ?

(A) ଯୁକ୍ତିଯୁକ୍ତ ଉପସ୍ଥାପନା
(B) ଉଦ୍ଧୃତି ଓ ପରିସଂଖ୍ୟାନର ବ୍ୟବହାର ହୀନତା
(C) ଉପସ୍ଥାପନାରେ ଅଳଙ୍କରଣହୀନତା
(D) ବିଷୟର ଅନ୍ତର୍ଦୃଷ୍ଟିହୀନତା

68. କେଉଁ ବିବରଣୀ ସମ୍ବାଦର ଅନ୍ତର୍ଭୁକ୍ତ ନୁହେଁ ?

(A) ସରଳ ବିବରଣୀ
(B) ଅନୁସନ୍ଧାନମୂଳକ ବିବରଣୀ
(C) ତଦ୍ୱାଶ୍ରୟୀ ବିବରଣୀ
(D) ବିଶ୍ଲେଷଣାତ୍ମକ ବିବରଣୀ

69. କୌଣସି ଗୁରୁତ୍ୱପୂର୍ଣ୍ଣ ଚିନ୍ତା ବା ଚେତନାମୂଳକ ଉପସ୍ଥାପନାକୁ କେଉଁ ସ୍ତମ୍ଭର ପର୍ଯ୍ୟାୟୀଭୁକ୍ତ କରାଯାଏ ?

(A) ମାନକସ୍ତମ୍ଭ
(B) ପ୍ରବନ୍ଧସ୍ତମ୍ଭ
(C) ମିଶ୍ରସ୍ତମ୍ଭ
(D) ସମୀକ୍ଷାମୂଳକସ୍ତମ୍ଭ

70. କୌଣସି କଥନିକା, ଆକର୍ଷଣୀୟ ପର୍ଯ୍ୟବେକ୍ଷଣ କିମ୍ବା ଆଲଙ୍କାରିକ ଶବ୍ଦର ବ୍ୟବହାର ଦ୍ୱାରା ଫିଚର ପାଇଁ ଯାହା ପ୍ରସ୍ତୁତ ହୁଏ, ତାହାକୁ କ'ଣ କୁହାଯାଏ ?

(A) ମନ୍ତବ୍ୟ
(B) ସାରାଂଶ
(C) ପର୍ଯ୍ୟବେକ୍ଷଣ
(D) ଶିରୋନାମା

71. ଖ୍ରୀ. ପୂ. ପଞ୍ଚମ ଶତାବ୍ଦୀରେ କେଉଁମାନେ ଆବାକସ୍ (Abacus) ଭଳି ଏକ ଗଣନାଯନ୍ତ୍ରର ଉଦ୍ଭାବନ କରିଥିଲେ ?

(A) ଇଂରେଜମାନେ
(B) ଚୀନାମାନେ
(C) ଜର୍ମାନ୍‌ମାନେ
(D) ଇଟାଲୀୟମାନେ

72. କାହାକୁ ବର୍ଣ୍ଣନାତ୍ମକ ଭାଷାବିଜ୍ଞାନ ଧାରାର ଜନକ ବୋଲି କୁହାଯାଏ ?

(A) ଅଗଷ୍ଟ ଲେସ୍କିନ୍

(B) କାର୍ଲବ୍ରଗ୍‌ମାନ

(C) ଫର୍ଡିନାଣ୍ଡ ଡି. ସସ୍ୟୁର

(D) ଏଡ୍‌ୱାର୍ଡ ସୈଭର

73. ଗଣମାଧ୍ୟମର ପ୍ରଭାବଶାଳୀ ସ୍ୱରୂପ 'ଫେସ୍‌ବୁକ୍'ର ଆରମ୍ଭ କର୍ତ୍ତା କିଏ ?

(A) ଜନ୍ କୋସ୍

(B) ବ୍ରିଆନ୍ ଆକ୍ଟନ୍‌ଡକ

(C) କେଭିନ୍ ସାଇସ୍ଟ୍ରୋମ

(D) ମାର୍କ ଜୁକରବର୍ଗ

74. କେଉଁଟି ବିଜ୍ଞାପନର ଉପଯୋଗିତା ନୁହେଁ ?

(A) ଧରାବନ୍ଧା ମନୋଭାବକୁ ପ୍ରୋତ୍ସାହନ

(B) ଉପଭୋକ୍ତା ସଚେତନତା ସୃଷ୍ଟି

(C) ବ୍ୟବହାର ଓ ରଚିଗତ ପରିବର୍ତ୍ତନ

(D) ବସ୍ତୁର ବଜାର ଆବଶ୍ୟକତା ବୃଦ୍ଧିରେ ସହାୟତା

75. ବୋହୂଟିର କେଉଁ ଶଙ୍କା ପାଇଁ ମନଥିବା କଥା ବୁଢ଼ା ଶଙ୍କାରି ଭାବି ହୋଇଛି ?

(A) କଜଳପାତିଆ

(B) ସୁନାମୁଖୀ

(C) ଚନ୍ଦ୍ରରୋଷଣି

(D) ଆସମାନତାରା

76. ମାଗୁଣି କେଉଁ ଗଡ଼ର ଲୋକ ଥିଲା ?

(A) ଚିକିଟି ଗଡ଼

(B) ଖଲିକୋଟ୍ ଗଡ଼

(C) ଖୁରୁଧା ଗଡ଼

(D) କୋଟପାଡ଼ ଗଡ଼

77. ପଳାତକ ସନେଇ ପରିଡ଼ାର ଡିହବାଡ଼ିକୁ ଚିନ୍ତେଇ ସୋଇଁ କାହା ମାରଫତ୍‌ଦାର ହୋଇ ନିଲାମ ଧରିଥିଲେ ?

(A) ଧୋବିର

(B) ଜିତେଇ ନାୟକର

(C) ଛୋଟ୍ ରାଏଙ୍କର

(D) ଗୋପିନାଥ ଜୀଉଙ୍କର

78. ବଳରାମଙ୍କ ବଉଳା ଅଧ୍ୟାୟରେ ବର୍ଣ୍ଣିତ 'ବାଘ'ର ନାଁ କ'ଣ ଥିଲା ?

(A) ବଜ୍ରଘଣ୍ଟ
(B) ନିପୁଆ
(C) ସତୁରା
(D) କାନ୍ଦୁରା

79. ଗଙ୍ଗାଧରଙ୍କର ତପସ୍ୱିନୀ କାବ୍ୟ କେତେ ସର୍ଗ ବିଶିଷ୍ଟ ?

(A) ନଅ
(B) ଦଶ
(C) ଏଗାର
(D) ବାର

80. ଭାଗବତର ଏକାଦଶ ସ୍କନ୍ଧର କେଉଁ ଅଧ୍ୟାୟରେ ପିଙ୍ଗଳା ଉପାଖ୍ୟାନ ସନ୍ନିବିଷ୍ଟ ?

(A) ସପ୍ତମ
(B) ନବମ
(C) ଏକାଦଶ
(D) ତ୍ରୟୋଦଶ

## SPACE FOR ROUGH WORK